# ଜିଲ୍ଲା କାର୍ଯ୍ୟାଳୟ,ଭଦ୍ରକ

## (ଭୂ-ଅର୍ଜନ ବିଭାଗ)

## ବିଜ୍ଞାପନ

ସଂଖ୍ୟା.......6061........./ଭୂ.ଅ.  ତା..19/12/18.....

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭(୧) ଅନୁଯାୟୀ ରେବ-କାପାଳୀ ଡ୍ରେନେଜ ଚ୍ୟାନେଲର ପୁନୋରୁଦ୍ଧାର ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀ ର ତା.୦୭.୧୨.୧୮ ରିଖ ଦିବା ଅପରାହ୍ନ ଘ ୩.୦୦ ଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ,ଭଦ୍ରକଙ୍କ ଅଧକ୍ଷତାରେ ହୋଇଥିବା ଆଲୋଚନା ସଭା (ଅତିରିକ୍ତ ଜିଲ୍ଲାପାଳ,ଭଦ୍ରକ ଙ୍କ ସଭାଗୃହ ରେ ଅନୁଷ୍ଠିତ ହୋଇଥିବା) ବୈଠକର ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଉପରୋକ୍ତ ଆଇନ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଂଲଗ୍ନ କରାଯାଇ ପ୍ରକାଶ କରାଗଲା। ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଭଦ୍ରକ ଜିଲ୍ଲାପାଳ ଙ୍କ ୱେବସାଇଟ ରେ ଉପଲବ୍ଧ ହେବ।

ଅତିରିକ୍ତ ଜିଲ୍ଲାପାଳ ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

ଜ୍ଞାପକ ସଂଖ୍ୟା.....6062........./ଭୂ.ଅ.  ତା..19/12/18.

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଅତିରିକ୍ତ ଜିଲ୍ଲାପାଳ –ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

ଜ୍ଞାପକ ସଂଖ୍ୟା ....6063........../ଭୂ.ଅ.  ତା..19/12/18

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ଭଦ୍ରକ/ତହସିଲଦାର,ଭଦ୍ରକ/ଭଣ୍ଡାରିପୋଖରୀ/ ବନ୍ତ/ ଧାମନଗର ଙ୍କୁ ପ୍ରଦାନ କରାଗଲା ଏବଂ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ କୁ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ସର୍ବସାଧାରଣ ଅବଗତି ନିମନ୍ତେ ଛାପିବା ହେବେ। ଭୂ-ଅର୍ଜନ ଅଧିକାରୀ, ଭଦ୍ରକ ଙ୍କୁ ବିଜ୍ଞାପନ ର ଏକକିତା ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ର ଗୋଟିଏ ଗୋଟିଏ ନକଲ ଆଦମପୁର, ବାଘମରା, ବରପଦି, ବିଭୁତିପୁର, ଡିଲୋ, ଇଚ୍ଛାଦାମଜାଫରପୁର, କାକୁଡିଗଡିଆ, କଲେଇ, କରଞ୍ଜିଗୁଣ୍ଡୁପୁର, କଷୋଟି, କୋରୁଆ, ମହୁରା, ନଳାଙ୍ଗ, ନାରାୟଣପୁର, ନିର୍ଗୁଣ୍ଡି, ପଦିନାରାୟଣପୁର, ପିରିଜିପୁର, ରାଜେନ୍ଦ୍ରପୁର, ସରଦପୁର, ସରିଫପୁର, ଟାଙ୍କୁଣି ମୌଜାମାନଙ୍କରେ ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରାଇବେ।

ଅତିରିକ୍ତ ଜିଲ୍ଲାପାଳ –ତଥା ଅଧକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଭଦ୍ରକ

# ରେବ-କପାଳୀ ଡ୍ରେନେଜ ଚ୍ୟାନେଲର ପୁନୋରୁଦ୍ଧାର ନିମନ୍ତେ ତା-୦୭.୧୨.୧୮ରିଖ ଦିବା ଅପରାହ୍ନ ଘ ୩.୦୦ଟିକା ସମୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ବିବରଣୀ ।

ରେବ-କପାଳୀ ଡ୍ରେନେଜ ଚ୍ୟାନେଲର ପୁନୋରୁଦ୍ଧାର ନିମନ୍ତେ ଭଦ୍ରକ, ଭଣ୍ଡାରୀପୋଖରି, ବନ୍ତ ଏବଂ ଧାମନଗର ତହସିଲ ଅଧିନସ୍ଥ ୨୧ ଗୋଟି ରାଜସ୍ୱ ଗ୍ରାମରେ ମୋଟ ଏ ୧୨୧.୫୫କର ଜମି ଅଧିଗ୍ରହଣ ହେବାକୁ ଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାଙ୍କନ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୭(୧) ଅନୁଯାୟୀ ସରକାରଙ୍କ ନିକଟକୁ ଏକ ସୁପାରିସ ପତ୍ର ପ୍ରଦାନ କରାଯିବ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ,ଭଦ୍ରକ ଙ୍କ ଅଧକ୍ଷତା ରେ ଏକ୍ସପର୍ଟ ଗ୍ରୁପ (ବିଶେଷଜ୍ଞ କମିଟି) ସଦସ୍ୟ ମାନେ ତା-୦୭.୧୨.୧୮ରିଖ ଦିବା ଅପରାହ୍ନ ଘ ୩.୦୦ ଟିକା ସମୟରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳଙ୍କ ସଭାଗୃହ ରେ ଅନୁଷ୍ଠିତ ହୋଇଥିଲା। ରେବ-କପାଳୀ ଡ୍ରେନେଜ ଚ୍ୟାନେଲର ପୁନୋରୁଦ୍ଧାର ନିମନ୍ତେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି। ଏଥି ନିମନ୍ତେ ଜିଲ୍ଲାରେ ଆବଶ୍ୟକ ହେବାକୁ ଥିବା ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ହୋଇଥିବା ଅଧିନିୟମ 2013 ଏବଂ ଓଡିଶା ସରକାରଙ୍କ ଅଧିନିୟମ ନିୟମାବଳୀ 2016 ର rule ୧୫ ଅନୁଯାୟୀ ମୋଟ ୨୧(ଏକୋଇଶି) ଗୋଟି ଗ୍ରାମ ପ୍ରଭାବିତ ହେଉଥିବାରୁ ଏହାର ସାମାଜିକ ଅର୍ଥନୈତିକ ବୈଷୟିକ ଦିଗପ୍ରତି ଦୃଷ୍ଟି ଦେଇ ବିଶେଷ ବିବରଣୀ ପ୍ରସ୍ତୁତ କରାଯାଇ ଆଲୋଚନା କ୍ରମେ ସାମାଜିକ ଅଧ୍ୟୟନ ତଥା ସର୍ବେକ୍ଷଣ ନିଷ୍କର୍ସ ଉପସ୍ଥାପନ ହୋଇଥିଲା।

ସର୍ବପ୍ରଥମେ ଅଂଶଗ୍ରହଣ କରିଥିବା ସଦସ୍ୟ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ ସ୍ୱାଗତ କରିଥିଲେ। ପ୍ରସ୍ତାବିତ ରେବ-କପାଳୀ ଡ୍ରେନେଜ ଚ୍ୟାନେଲର ପୁନୋରୁଦ୍ଧାର ପ୍ରକଳ୍ପ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଉପରେ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ତଥା-ସଦସ୍ୟ ମାନଙ୍କଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ମତାମତ ଲୋଡିଥିଲେ। ବୈଠକରେ ଉପସ୍ଥିତ ଥିବା ଜନ ପ୍ରତିନିଧି ମାନେ ରେବ-କପାଳୀ ଡ୍ରେନେଜ ଚ୍ୟାନେଲ ସମ୍ପର୍କିତ ବିଭିନ୍ନ ସମସ୍ୟା ଉତ୍ଥାପନ କରିଥିଲେ। ଏ ବିଷୟରେ ସବିଶେଷ ଆଲୋଚନା କରାଯାଇ ଏକ୍ସପର୍ଟ ଗ୍ରୁପ ର ସାମାଜିକ ବିଶେଷଜ୍ଞ ଙ୍କ ପରାମର୍ଶ କ୍ରମେ ଜମି ର କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ ପଦକ୍ଷେପ କୁ ପ୍ରାଧାନ୍ୟ ଦେବାକଥା କହିଥିଲେ। ପୁନଶ୍ଚ ନଦୀ ର ଗତିପଥ ରେ ବାଙ୍କ ସ୍ଥାନ ମାନଙ୍କରେ ପଥର ପ୍ୟାକିଙ୍ଗ ଏବଂ ସ୍ଥାନେ ସ୍ଥାନେ ଫୁଟ ବ୍ରିଜ (ଆପ୍ରୋଚ ରୋଡ କୁ ସଂଯୁକ୍ତ କରୁଥିବା)ର ଆବଶ୍ୟକତା ରହିଛି। ବନ୍ୟାଦାଉରୁ ରକ୍ଷା ପାଇବା ନିମନ୍ତେ ମୌଜା- କାକୁଡିଗଡିଆ(ଜଗତି), କାଶିମପୁର ଠାରେ ଚେକ ଡ୍ୟାମ ନିର୍ମାଣ ନିମନ୍ତେ ନିର୍ବାହୀ ଅଧିକାରୀ,ଡ୍ରେନେଜ ବିଭାଗ,ଭଦ୍ରକ ଙ୍କୁ ପ୍ରସ୍ତାବ ଦିଆଯିବା ସମ୍ପର୍କରେ

(କ୍ରମଶଃ... ପୃଷ୍ଠା୨)